VOL. 17 | FEBRUARY & MARCH 2023

# ବସୁନ୍ଧରା ବାର୍ତ୍ତା

VASUNDHARA
democratizing natural resource governance

Vasundhara Newsletter, 12th April

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Dist:, Patia Station Road, Patia, Bhubaneswar, Odisha 751024



## ସାରାଂଶ :

- ରାଜସ୍ୱ ଖାତାରେ ଗୋଷ୍ଠୀ ସମ୍ବଳ ଅଧିକାର
- ଦଶପଲ୍ଲାରେ ମହିଳା ସଂଘ
- ଜଙ୍ଗଲ ଗାଁକୁ ରାଜସ୍ୱ ଗାଁରେ ପରିଣତ
- ବିକ୍ରେତାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ
- ଡିଭିଜନ୍‌ସ୍ତରୀୟ ଜଙ୍ଗଲ ଅଧିକାର ଅଧୀନିୟମ ତାଲିମ
- ଲାଇଭ୍‌ଲିହୁଡ କାର୍ଯ୍ୟକ୍ରମ ଅଧୀନରେ ତାଲିମ
- ଶିଳ୍ପ ସଂସ୍ଥାଙ୍କ ସହ ଅନୁବନ୍ଧନ
- ଏମ୍‌ଏସ୍‌ଏମ୍‌ଇରେ ଉତ୍ପାଦକ ଗୋଷ୍ଠୀଙ୍କ ପଞ୍ଜିକରଣ
- ୟୁନିୟନ ବୋର୍ଡ ବୈଠକ
- ସମୀକ୍ଷା ଓ ଯୋଜନା ବୈଠକ
- ଶାଳପତ୍ର ବିକ୍ରିବଟା
- ପାରମ୍ପରିକ ସୀମା ମାପ
- ଦାବି ଦାଖଲ

## ରାଜସ୍ୱ ଖାତାରେ ଗୋଷ୍ଠୀ ସମ୍ବଳ ଅଧିକାର; ଭାରତରେ ପ୍ରଥମ

ପ୍ରଥମ ଥର ପାଇଁ ରାଜସ୍ୱ ଖାତାରେ ସାଧାରଣ ଲୋକଙ୍କୁ ମିଳିଛି ଗୋଷ୍ଠୀଗତ ବନ ସମ୍ବଳ ଅଧିକାରର ମାଲିକାନାସତ୍ତ୍ୱ । ଭାରତରେ ପ୍ରଥମକରି ଏମିତି ପରିଚିତି ହାସଲ କରି; ଓଡିଶାର ନୟାଗଡ ଜିଲ୍ଲା ଏ ଦିଗରେ ଉଦାହରଣ ସୃଷ୍ଟି କରିପାରିଛି ।

ଗାଁର ପାଖାପାଖି ୮୦.୪୩ ଏକର ଜଙ୍ଗଲ ଜମି ଉପରେ ଲୋକଙ୍କୁ ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି । ଯେଉଁଥିରୁ ୧୮.୧ ଏକର ରାଜସ୍ୱ ଜମି ଥିବା ବେଳେ ୬୨.୩୩ ଏକର ସଂରକ୍ଷିତ ଜଙ୍ଗଲ ଜମି ରହିଛି ।

ଏହି ପ୍ରକ୍ରିୟାକୁ ନୂଆଗାଁ ବ୍ଲକ୍‌ର ତହସିଲଦାର ହେମନ୍ତ କୁମାର ନାୟକ ପରିଚାଳନା କରିଛନ୍ତି ।

ଜିଲ୍ଲାର ନୂଆଗାଁ ବ୍ଲକ୍, ସିକରିଡା ପଞ୍ଚାୟତ; ଡୁମ୍‌ଡୁମାପାଲ୍ଲୀ ଗାଁର ୩୪ ଅନୁସୂଚିତ ଜନଜାତି ପରିବାରକୁ ଏହି ଅଧିକାରରେ ଜମିପଟା ପ୍ରଦାନ କରାଯାଇଛି । ୨୦୨୨ ଜାନୁୟାରୀ ୯ ତାରିଖରେ ପ୍ରଥମେ ଗ୍ରାମସଭାକୁ ଗୋଷ୍ଠୀ ସମ୍ବଳ ଅଧିକାର ଓ ଗୋଷ୍ଠୀ ବନ ସମ୍ପଦ ସମ୍ବଳ ଅଧିକାର ମିଳିଥିଲା ।





# ଦଶପଲ୍ଲାରେ ମହିଳା ସଂଘ

ଦଶପଲ୍ଲା ଲାଇଭ୍‌ଲିହୁଡ ଟିମ୍ ଏକ ମହିଳା ସଙ୍ଗଠନ ଗଢ଼ି ବହୁପ୍ରତିକ୍ଷିତ ଆବଶ୍ୟକତାକୁ ପୂରଣ କରିବାରେ ଏକ ମାଇଲଖୁଣ୍ଟହାସଲ କରି ପାରିଛି ।

ନୂଆକରି ଗଢ଼ାଯାଇଥିବା ଏହି ମହିଳା ସଙ୍ଗଠନର ନାମ ରଖାଯାଇଛି 'ଆଦିଭୂମି ମହିଳା ସଂଘ' ।

ଯେଉଁଥିରେ ୧୦ଟି ପଞ୍ଚାୟତରୁ ୪୩ଟି ଉତ୍ପାଦକ ଗୋଷ୍ଠୀର ସମୁଦାୟ ୮୯୩ ଜଣ ସଦସ୍ୟ ରହିଛନ୍ତି । ସଂଘର ବ୍ୟବସାୟିକ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବା ସହ ଏହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଦଳ ଗଠନ କରାଯାଇଛି ।

ସଂଘର ସାମଗ୍ରିକ ବିକାଶ ଓ କାର୍ଯ୍ୟକୁ ପରିଚାଳନା କରିବା ପାଇଁ ଜଣେ ଜେନେରାଲ ମ୍ୟାନେଜରଙ୍କୁ ବି ନିଯୁକ୍ତ କରାଯାଇଛି ।




ଜିଲ୍ଲା ପ୍ରଶାସନ ସହାୟତାରେ ପୁରୀଠାରେ ଏକ ବିକ୍ରେତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ରାସ୍ତାକଡରେ ଠେଲା ଲଗାଉଥିବା ଦୋକାନୀମାନେ କିପରି ଥର୍ମୋକଲର ବ୍ୟବହାର ନ କରି ମାଟିରେ ମିଶିଯାଉଥିବା ଥାଳିକୁ ବିକଳ୍ପ ଭାବେ ବ୍ୟବହାର କରିପାରିବେ ତା ଉପରେ ସେମାନଙ୍କୁ ସଚେତନ କରାଯାଇଥିଲା । ଶାଳ ଓ ଶିଆଳି ପତ୍ରର ଦୋନା ବା ପ୍ଲେଟକୁ ଲୋକଙ୍କ ଭିତରେ ଆଦୃତି କରାଇବା ସହ ଏହାକୁ ନେଇ ବିକ୍ରେତାଙ୍କୁ ସମ୍ବେଦନଶୀଳ କରିବା ଏହି କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ଥିଲା ।

ତାଛଡା ଲୋକଙ୍କ ଭିତରେ ପରିବେଶ ଅନୁକୂଳ ସଚେତନତା ସୃଷ୍ଟି କରିବା ଓ ବାୟୋଡିଗ୍ରେଡେବଲ (ମାଟିରେ ମିଶିବା) ସାମଗ୍ରୀ ବାବଦରେ ଜନ ଜାଗରଣ ସୃଷ୍ଟି କରିବା ଥିଲା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

## ଜଙ୍ଗଲ ଗାଁରୁ ରାଜସ୍ୱ ଗାଁକୁ ପରିବର୍ତ୍ତନର ଯାତ୍ରା:

ଜଙ୍ଗଲ ଅଧିକାରକୁ ସୁରକ୍ଷା ଦେବା, ଆଦିବାସୀ ଅଣଆଦିବାସୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକରୁଥିବା ବେଳେ ଜଙ୍ଗଲ ଗାଁଗୁଡିକୁ ରାଜସ୍ୱ ଗାଁରେ ପରିଣତ କରି ଆଇନକୁ ସଠିକ ପ୍ରତିପାଦନ କରିବାରେ ନୂଆଗାଁ ତହସିଲଦାରଙ୍କ ଅବଦାନ ଅତୁଳନୀୟ । ଏହି ଯାତ୍ରାରେ ତହସିଲଦାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ, ଆଇଏଫ୍ଆର୍ ଜମିର ବିଭାଜନ, ଗୋଷ୍ଠୀ ଜଙ୍ଗଲ ଅଧିକାରର ମିଳିତ ଯାଞ୍ଚ, ପାରମ୍ପରିକ ସୀମା ଚିହ୍ନଟ ଓ ରୂପାନ୍ତର ପ୍ରକ୍ରିୟାର ନିର୍ଦ୍ଦେଶାବଳୀ ପାଳନ ଭଳି ପ୍ରକ୍ରିୟା ଅବଲମ୍ବନ କରାଯାଇଥିଲା । ନୂଆଗାଁ ତହସିଲ ଅଧୀନରେ ଥିବା ଦୁଇଟି ଗାଁ ଡେଙ୍ଗାବାରି ଓ ସିକୁକଲିତଳିଆ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଘୋଷଣାପତ୍ର ଜାରି ହେଲା ପରେ ତହସିଲଦାର ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେଲେ । ଏଥିରେ ବସୁନ୍ଧରା ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇଥିଲା । ଜଙ୍ଗଲ ଗାଁଗୁଡିକ ସଂରକ୍ଷିତ ଜଙ୍ଗଲ ଭିତରେ ରହୁଥିବା ବେଳେ ଏହି ଗାଁର ଅନୁସୂଚିତ ଜନଜାତି ପରିବାର ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିଭର କରି ପରିବାର ପ୍ରତି ପୋଷଣ କରିଥାନ୍ତି ।



ଫେବୃୟାରୀ ମାସରେ ମୟୂରଭଞ୍ଜ ଜିଲ୍ଲା ଜଙ୍ଗଲ ମଞ୍ଚ ସଦସ୍ୟଙ୍କ ପାଇଁ ଜଙ୍ଗଲ ଅଧିକାର ଆଇନ ଓ ଏହାର କାର୍ଯ୍ୟକାରିତା ଶୀର୍ଷକ ବିଷୟ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଯାହାକି ତିନୋଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା । ସମାନ ଭାବେ ମାର୍ଚ୍ଚ ମାସରେ ମଧ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଲଘୁ ବନଜାତ ଦ୍ରବ୍ୟ ପାଇଁ ଶିଳ୍ପ ସଂଯୋଗ

'ବନଜାତ' ସହାୟତାରେ ବସୁନ୍ଧରା ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା ପାଇଁ କିଛି ନାମିଦାମୀ କମ୍ପାନୀମାନଙ୍କ ସହ ଅନୁବନ୍ଧିତ ହୋଇଛି ।
ସେଗୁଡିକ ଭିତରେ ରହିଛି ମନୋରମା ଇଣ୍ଡଷ୍ଟ୍ରିଜ୍, ମାଗମା ଗ୍ରୁପ୍ ଅଫ୍ କମ୍ପାନୀ, ମହିମା ଇଣ୍ଡଷ୍ଟ୍ରିଜ୍ ଓ ସଂହାନିଆ କମ୍ପାନୀ।

ଏହି ପ୍ରକ୍ରିୟା ମାଧମରେ ଏକ ଲକ୍ଷ ଜଙ୍ଗଲ ଅଧିବାସୀ ସେମାନଙ୍କ ଦ୍ୱାରା ସଂଗୃହୀତ ଜଙ୍ଗଲ ଜାତ ଦ୍ରବ୍ୟକୁ ଏକ ବୃହତ୍ତର ବଜାରରେ ପ୍ରବେଶ କରାଇବାର ସୁଯୋଗ ପାଇପାରିଛନ୍ତି ଏବଂ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ବସୁନ୍ଧରା ୧୭ଟି ଜିଲ୍ଲାରୁ ପଣସ, ବେଲ, ଶାଳ ମଞ୍ଜି, ଆମ୍ବ ଟାକୁଆ, ତେନ୍ତୁଳଳି ସଂଗ୍ରହ କରିବା ଆରମ୍ଭ କରିଛି ।



**ସିଏଫ୍ଆର୍ ଦାବି ପ୍ରସ୍ତୁତି ପ୍ରକ୍ରିୟା:**
**ଚିତୁକୁବାଡି, ବାଲିଆବାଡି**

**ଜଙ୍ଗଲ ଅଧିକାର ଆଇନ ବୈଠକ:**
**ସୋନାମେରା ଗାଁ**

**ସିଏଫ୍ଆର୍ଏମ୍‌ସି ଗଠନ:**
**ସୁନ୍ଦରତଳିଆ**

**ସିଆର୍/ସିଏଫ୍ଆର ଯୁଗ୍ମ ଅନୁସନ୍ଧାନ:**
**ଚମ୍ପାଗଡ ଗାଁ**

## ଏମ୍ଏସ୍ଏମ୍ଇରେ ପଞ୍ଜିକୃତ ହେଲା ୩ ଉତ୍ପାଦକ ଗୋଷ୍ଠୀ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ରେ ପଞ୍ଜିକୃତ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଅଞ୍ଚଳର ୩ ଉତ୍ପାଦକ ଗୋଷ୍ଠୀ । ସେଗୁଡିକ ହେଲେ ଦୁରୁବାଗାନ୍, ବାହାଝରଣା ଓ ପୁନେଇ ଚାନ୍ଦ ଉତ୍ପାଦକଗୋଷ୍ଠୀ।

୮୦ରୁ ଅଧିକ ସଦସ୍ୟ ଏହି ଉତ୍ପାଦକ ଗୋଷ୍ଠୀର ସଦସ୍ୟ ଅଟନ୍ତି । ବିଶେଷ କରି ଶାଳ, ମହୁଲ, ମହୁ, ଶାଳ ମଞ୍ଜି, ଟୋଲ ଆଦି ଲଘୁବନଜାତ ଦ୍ରବ୍ୟକୁ ଏହି ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ସଂଗ୍ରହ କରି ଏହାକୁ ବିକ୍ରି କରିଥାନ୍ତି।

ଏମ୍ଏସ୍ଏମ୍ଇରେ ପଞ୍ଜିକୃତ ହେଲା ପରେ ଏମାନଙ୍କୁ ନିଜ ଗାଁ ବ୍ୟତୀତ ଅନ୍ୟ ସ୍ଥାନରେ ବ୍ୟବସାୟ କରିବାର ସୁଯୋଗ ମିଳିବ ।

## ଶାଳ ଓ ଶିଆଳି ପତ୍ରର ବିକ୍ରିବଟା

ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଅଞ୍ଚଳର ଦୁଇ ଉତ୍ପାଦକ ଗୋଷ୍ଠୀ ରାମରାଜା ଓ ଧାନୀପାଟ ଦ୍ୱାରା ବାଲେଶ୍ୱରର ଜଣେ ବ୍ୟବସାୟୀଙ୍କୁ ୫ ଲକ୍ଷ ୫୦ ହଜାର ଶାଳପତ୍ର ଓ ୨୫ ହଜାର ଶାଳ ଦୋନା ବିକ୍ରି କରାଯାଇଛି ।

ଯଦିଓ ପୂର୍ବରୁ ଗାଁରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଗରୁ ଥିଲା; କିନ୍ତୁ ବସୁନ୍ଧରାର ହସ୍ତକ୍ଷେପ ପରେ ସେମାନେ ନିଜ ଦ୍ୱାରା ସଂଗୃହୀତ ଲଘୁବନଜାତ ଦ୍ରବ୍ୟର ବିକ୍ରିବଟା ଆରମ୍ଭ କରିପାରିଛନ୍ତି।

ବସୁନ୍ଧରାର ହସ୍ତକ୍ଷେପ ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଉତ୍ପାଦକ ସଂଘ ଗଠନ କରାଯାଇ ପାରିଛି । କେବଳ ସେତିକି ନୁହେଁ ଯଶୀପୁର ଅଞ୍ଚଳର ୩ଟି ଉତ୍ପାଦକ ଗୋଷ୍ଠୀ ଯଥା ବାହାଝରଣା, ସାଗିନବୁରୁ ଓ ଧାନପାଟ ଦ୍ୱାରା ପୂର୍ବରୁ ୭ ଲକ୍ଷ ୩୭ ହଜାର ଶାଳ ପତ୍ର ବିକ୍ରି କରାଯାଇ ପାରିଛି ।



ଶାଳ ଓ ଶିଆଳି ପତ୍ର ପ୍ରୋସେସିଂ ୟୁନିଟ , ବାରକୋଟ, ଦେଓଗଡ

## ସଭା ଓ ବୈଠକ

**୧. ବିଓଡି ଆଦିଭୂମି ମହିଳା ସଂଘ: ଆଦିଭୂମି ମହିଳା ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ମାର୍ଚ୍ଚ ମାସରେ ଦଶପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି । ପରବର୍ତ୍ତୀ କାର୍ଯ୍ୟର ରୂପରେଖ ନିର୍ଦ୍ଧାରଣ କରିବା ପାଇଁ ଏହା ଏକ ଆରମ୍ଭ ବୈଠକ । ଏଥିରେ ୩୦ଟି ଉତ୍ପାଦକ ଗୋଷ୍ଠୀର ୩୬ ସଦସ୍ୟ ଉପସ୍ଥିତ ଥିଲେ ।**

**୨. ଏଫ୍ଆର୍ଏ ସମୀକ୍ଷା ବୈଠକ: ରଣପୁର**

**୩. ସାଗିନ୍‌ବୁରୁ ଉତ୍ପାଦକ ଗୋଷ୍ଠୀ ସହ ବ୍ୟବସାୟିକ ଯୋଜନା: ଯଶୀପୁର**

**୪.ତେନ୍ତୁଳି ସଂଗ୍ରହ ପାଇଁ ସୁଦ୍‌ରେଜୁ ପଞ୍ଚାୟତରେ ବୈଠକ: କନ୍ଧମାଳ**

**୫. ସାନମରା ଗାଁରେ ଏଫ୍ଆର୍ଏ ସଚେତନତା ବୈଠକ: ରାଇରଙ୍ଗପୁର**

**୬.ଜୀବନ ଜୀବିକାରେ ଅଭିବୃଦ୍ଧି ପାଇଁ ଜାମଝଡିରେ ପଞ୍ଚାୟତସ୍ତରୀୟ ବୈଠକ: କନ୍ଧମାଳ**

**୭.ବ୍ୟବସାୟିକ ସମୀକ୍ଷା ଉପରେ ମୋହକ ସନ୍ଧାନୀ ମହାସଂଘର ୟୁନିୟନ ବୋର୍ଡ ବୈଠକ: ଯଶୀପୁର**

**୮. ଟାଇଁସର ଓ ଲାଇମୁରରେ ଆଞ୍ଚଳିକ ବିଓଡି ବୈଠକ: କୁଚିଣ୍ଡା**

**୯. ଅଣସଦସ୍ୟ ଅଞ୍ଚଳରେ ଲଘୁବନଜାତଦ୍ରବ୍ୟ ଉପରେ ବୈଠକ: କୁଚିଣ୍ଡା**

**କର୍ମଶାଳା:**

**୧. ୪ଟି ପଞ୍ଚାୟତରେ ପିଆର୍ଆଇ ସଦସ୍ୟଙ୍କ ଦକ୍ଷତା ବିକାଶ କର୍ମଶାଳା: କୁଚିଣ୍ଡା**

**୨. ଲଘୁବନଜାତ ଦ୍ରବ୍ୟ ପାଇଁ ଦଶମନ୍ତପୁରରେ ପଞ୍ଚାୟତସ୍ତରୀୟ ବୈଠକ ।**

**୩. ରଣପୁର ଗୁଣ୍ଡୁରିବାଡିରେ ସିଏଫ୍ଆର୍ଏମ୍‌ସି କର୍ମଶାଳା।**

**୪. ସ୍ୱେଚ୍ଛାସେବୀ ଓ କ୍ଷେତ୍ର କର୍ମକର୍ତ୍ତାଙ୍କ ପାଇଁ ୪ ଦିନିଆ ଜୀବନଜୀବିକା କର୍ମଶାଳା ।**

## ଲଘୁବନଜାତ ଦ୍ରବ୍ୟ ପାଇଁ ବ୍ଲକ୍‌ସ୍ତରୀୟ ବୈଠକ

ଲଘୁବନଜାତ ଦ୍ରବ୍ୟରୁ ଜୀବିକା ଉପାର୍ଜନ ସମ୍ପର୍କିତ ଏକ ବ୍ଲକ୍‌ସ୍ତରୀୟ କର୍ମଶାଳା; ମାର୍ଚ୍ଚ ମାସରେ ଦଶପଲ୍ଲା ସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସରକାରୀ ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ ହୋଇଯାଇଛି ।

ବସୁନ୍ଧରା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କର୍ମଶାଳାରେ ପ୍ରାଥମିକ ସଂଗ୍ରହକାରୀଙ୍କ ସମସ୍ୟା, ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଆହ୍ୱାନ, ଲଘୁବନଜାତଦ୍ରବ୍ୟ ପାଇଁ ରହିଥିବା ସର୍ବନିମ୍ନ ସହାୟକ ମୂଲ୍ୟ, ବନଜାତ ସାମଗ୍ରୀର କୁଣବତ୍ତା ଓ ଏହାର ବ୍ୟବସାୟିକ ଉପଲବ୍ଧତା, ଲଘୁବନଜାତ ଦ୍ରବ୍ୟ ପାଇଁ ରହିଥିବା ସରକାରୀ ବିଧି ବ୍ୟବସ୍ଥା, ଆଦିଭୂମି ମହିଳା ସଂଘ ଓ ସିଏଫ୍ଆର୍ଏମ୍‌ସି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

ସମନ୍ୱିତ ଭାବେ ଏ ଦିଗରେ କିପରି କାର୍ଯ୍ୟ କରାଯାଇପାରିବ ସେଥିପାଇଁ ଖୁବ୍‌ଶୀଘ୍ର ବିଭିନ୍ନ ଏନ୍‌ଜିଓମାନଙ୍କ ସହ ଆଲୋଚନା କରିବା ପାଇଁ ଦଶପଲ୍ଲାର ବ୍ଲକ୍ ଉନ୍ନୟନ ଅଧିକାରୀ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଖୋଲା ମଞ୍ଚରେ ଆମର ୪ଟି ଉତ୍ପାଦକ ଗୋଷ୍ଠୀଙ୍କୁ ଯନ୍ତ୍ରପାତିର ସହଯୋଗ ସହ ଗୁଣାତ୍ମକ ସହଯୋଗ ପାଇଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଶ୍ଚିତ କରିଛନ୍ତି ।

ମିଶନଶକ୍ତି ଆମର ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବସାୟିକ ସହଯୋଗ ପାଇଁ ୨.୦୮ ଟଙ୍କାର ସହାୟତା ପ୍ରଦାନ କରିବାକୁ ନିଶ୍ଚିତ କରିଛି ।

ଆମର ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ସଂଗୃହୀତ ସାମଗ୍ରୀକୁ ବିକ୍ରିବଟା କରିବା ପାଇଁ ଲଙ୍କାପୋଡି ମେଳାରେ ଏକ ସ୍ୱତନ୍ତ୍ର ଷ୍ଟଲ ଦେବାକୁ ପ୍ରତିଶ୍ରୁତି ମିଳିଛି ।

ଦଶପଲ୍ଲା କିମ୍ବା ଏହାର ଆଖପାଖ ପଞ୍ଚାତରେ ଲଘୁବନଜାତ ଦ୍ରବ୍ୟର ବିକ୍ରିବଟା ପାଇଁ ଏକ ଦୋକାନ ଘର ଦେବାକୁ ଓଡିଶା ଜୀବିକା ମିଶନ ଓ ବିପିଏମ୍ ସୁନିଶ୍ଚିତ କରିଛନ୍ତି ।

ବ୍ଲକ୍ ଉନ୍ନୟନ ଅଧିକାରୀ ସମସ୍ତ ଜିପିଏଲ୍ଏଫ୍‌ଙ୍କୁ ଆଦିଭୂମି ମହିଳା ସଂଘ ଓ ବସୁନ୍ଧରାର ମାସିକ ଯୋଜନା ବୈଠକରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି ।

ବନଜାତ ସହ ଜିପିଏଲ୍ଏଫ୍‌ର ସଂଯୋଗ

